# Akashvani, Sambalpur

## SAMBALPURI NEWS EVENING BULLETIN

## 6 May 2025- 7.02 pm- 7.12 pm.

*********************************************

୧- ବେସାମରିକ ସଂସ୍ଥାମାନ୍‌କର୍ ସୁରକ୍ଷାକେ ନେଇକରି ଆଏବାକାଏଲ୍ ରାଜ୍ୟର୍ ୧୨ ଟା ଜିଲ୍ଲା ନ ହେବା ମକ୍‌ଡ୍ରିଲ୍ ।

- ହୀରାକୁଦ୍ ନ ମକ୍‌ଡ୍ରିଲ୍‌କେ ନେଇକରି ସମ୍ବଲ୍‌ପୁର୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ହେଇଛେ ପ୍ରସ୍ତୁତି ବୈଠକ୍ ।

୨- ୫ ହଜାର୍ ୬ ଶହ ୩୧ କୋଟି ଟଙ୍କା ଖର୍ଚ୍ଚାଥି ୩ ଟା ଖେପେ ତିଆର୍ ହେବା ପୁରୀ ଶ୍ରୀଜଗନ୍ନାଥ୍ ଅନ୍ତର୍ଜାତୀୟ ବିମାନ୍ ବନ୍ଦର୍ ।

୩- ସର୍‌କାରୀ ଡାକ୍ତର୍‌ଖାନାମାନ୍‌କର୍ ଅଗ୍ନି ନିରାପତା ବ୍ୟବସ୍ଥା ବର୍‌କସ୍ କର୍‌ବାର୍‌କେ ସ୍ୱାସ୍ଥ୍ୟ ବିଭାଗ୍ କମିଶନର୍‌ଙ୍କର୍ ନିର୍ଦ୍ଦେଶ୍ ।

ଆଉର୍

୪- ଆଣ୍ଡାମାନ୍ ସାଗର୍‌କେ ପୁହୁଁଚିଲା ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ।

- ଆଏବା ହପ୍ତାଥି ଛୁଇଁବା ଆଣ୍ଡାମାନ୍ ଦ୍ୱିପପୁଞ୍ଜ ।

ସିଭିଲ୍ ମକ୍‌ଡ୍ରିଲ୍           ଆର୍‌ଏନ୍‌ୟୁ/ ସମ୍ବଲପୁର

ସ୍ୱରାଷ୍ଟ୍ର ମନ୍ତ୍ରଣାଲୟର୍ ନିର୍ଦ୍ଦେଶ୍ ଅନ୍‌ସାରେ ଆଏବା କାଏଲ୍ ରାଜ୍ୟର୍ ୧୨ ଟା ଜାଗା ସହେତେ ଦେଶର୍ ୨ ଶହ ୪୪ ଟା ବେସାମରିକ୍ ସୁରକ୍ଷା ଜିଲ୍ଲା ନ ମକ୍‌ଡ୍ରିଲ୍ କରାଯିବା । ଓଡ଼ିଶାର୍ ରାଜ୍‌ଧାନୀ ଭୁବ୍‌ନେଶ୍ୱର୍ ସହେତେ ହୀରାକୁଦ୍, ରାଉର୍‌କେଲା, ବାଲେଶ୍ୱର୍, କୋରାପୁଟ୍, ଗୋପାଲ୍‌ପୁର୍, ପାରାଦ୍ୱୀପ୍, ଭଦ୍ରକ୍, ଢେଙ୍କାନାଲ୍, ଜଗତ୍‌ସିଂହପୁର୍, କେନ୍ଦ୍ରାପଡ଼ା ଆର୍ ତାଲ୍‌ଚେର୍ ନ ହପ୍ତେତକ୍ ମକ୍‌ଡ୍ରିଲ୍ ହେବା । ଇଥିର୍‌ଲାଗି ରାଜ୍ୟ ଗୃହ ବିଭାଗ୍ ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ଗୁଟେ ଜରୁରୀ ବୈଠକ୍ ହେଇଯାଇଛେ । ବୈଠକ୍ ବାବ୍‌ଦେ ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇକରି ରାଜ୍ୟ ଅଗ୍ନିଶମ ମହାନିର୍ଦ୍ଦେଶକ୍ ସୁଧାଂଶୁ ଷଡ଼ଙ୍ଗୀ କହିଛନ୍, ଆଏବା କାଏଲ୍ ଉପର୍‌ବେଲା ୪ ବଜେ ମକ୍‌ଡ୍ରିଲ୍ ଲାଗି ସାଇରନ୍ ବାଜ୍‌ବା । ଖେପ୍ ଖେପ୍ କରି କାଏଲ୍‌ଠାନୁ ୭ ଦିନ୍‌ତକ୍ ରାଏଜେ ସୁରକ୍ଷା ବାବଦ୍ ମକ୍‌ଡ୍ରିଲ୍ ହେବା । ପହେଲା ଖେପେ ସମୁଦ୍ରଖଁଡ଼ି ଜିଲ୍ଲା ଆର୍ ସହରୀ ଇଲାକା ନ ମକ୍‌ଡ୍ରିଲ୍ ହେବା । ଖାସ୍ କରି ଶତ୍ରୁପକ୍ଷର୍ ବିମାନ୍ ଆକ୍ରମଣ୍ କଲେ କେନ୍ ପ୍ରକାର୍ ବ୍ୟବସ୍ଥା ନିଆଯିବା ସେ ବାବ୍‌ଦେ ଲୁକ୍‌କୁ ସଚେତନ୍ କରାଯିବା । ଆକ୍ରମଣ୍ ସମିଆଥି କଂକ୍ରିଟ୍ ଛାତ୍ ତଲେ ଆଶ୍ରୟ ନେବାର୍ ଲାଗି ଲୋକ୍‌ମାନ୍‌କୁ ପରାମର୍ଶ ଦିଆଯିବା । ଇତାର୍‌ସହେତେ ବସ୍ତି ଇଲାକାର୍ ଲୁକ୍‌କୁ ସୁରକ୍ଷିତ୍ ଜାଗାକେ ନିଆଯିବାର୍ ଯୋଜ୍‌ନା

କରାଯିବା । ୫ ମିନିଟ୍ ଉତ୍ରୁ ଫେର୍‌ଘାଏ ସାଇରନ୍ ବାଜ୍‌ଲେ ମକ୍‌ଡ୍ରିଲ୍ ଶେଷ୍ ହେବା ବଲି ଶ୍ରୀ ଷଡ଼ଙ୍ଗୀ କହିଛନ୍ ।

(ଭଏସ୍ ଓଭର୍- ସୁଧାଂଶୁ ଷଡ଼ଙ୍ଗୀ)

ମକ୍‌ଡ୍ରିଲ୍ ବାବ୍‌ଦେ ଓସ୍‌ଡମା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ୍ କମଲ୍‌ଲୋଚନ୍ ମିଶ୍ର କହିଛନ୍, ଶତ୍ରୁପକ୍ଷର୍ ଆକ୍ରମଣ୍ ସମିଆଥି ନାଗରିକ୍ ସୁରକ୍ଷା ଦିଗେ ପଦକ୍ଷେପ୍ ନେବାର୍ ସାଙ୍ଗେ ସାଧାରଣ୍ ଲୋକ୍ ଆର୍ ଛାତ୍ରଛାତ୍ରୀଙ୍କୁ ଇ ବାବ୍‌ଦେ ପ୍ରଶିକ୍ଷଣ୍ ଦେବାର୍‌ଟା ମକ୍‌ଡ୍ରିଲ୍‌ର ମୁଖ୍ୟ ଲକ୍ଷ୍ୟ ଆଏ । ଇଥି ସାଧାରଣ ଲୁକ୍‌କର୍ ସହେତେ ଛାତ୍ରଛାତ୍ରୀମାନ୍‌କୁ ଭିଲ୍ ସାମିଲ୍ କରାଯିବା ବଲି ଶ୍ରୀ ମିଶ୍ର କହିଛନ୍ ।

ସେଆଡ଼େ ହୀରାକୁଦ୍ ନ ହେବାର୍‌କେ ଥିବା ମକ୍‌ଡ୍ରିଲ୍‌କେ ନେଇକରି ସମ୍ବଲ୍‌ପୁର୍ ଜିଲ୍ଲା ଆଉ ପୁଲିସ୍ ପ୍ରଶାସନ୍ ତର୍‌ଫୁ ଜିଲ୍ଲା ପରିଷଦ୍ ସମ୍ମିଲନୀ କକ୍ଷ ନ ଆଏଜ୍ ସଞ୍ଜ୍‌ବେଲେ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଖାସ୍ କରି ହୀରାକୁଦ୍ କେଟୋଗୋରୀ- ଟୁ ଥି ଆସୁଥିବାର୍‌ନୁ ଯୁଦ୍ଧ ସମିଆଥି ଲୁକେ କେନ୍ତାକରି ସୁରକ୍ଷିତ୍ ରହିପାର୍‌ବେ ସେ ବାବ୍‌ଦେ ଆଏବା କାଏଲ୍ ମକ୍‌ଡ୍ରିଲ୍ କରାଯିବା । ଉପର୍‌ବେଲା ୪ ବଜେ ସହରର୍ ଲକ୍ଷ୍ମୀଟକିଜ୍ ଛକ୍‌ନୁ ରେଲ୍‌ଷ୍ଟେସନ୍ ତକ୍ ଇ ମକ୍‌ଡ୍ରିଲ୍ ହେବା । ସାଇରନ୍ ବାଜ୍‌ଲେ ଲୁକେ କାଣା କର୍‌ବେ ମକ୍‌ଡ୍ରିଲ୍‌ଥି ଲୁକ୍‌କୁ ଜନାଯିବା ବଲି ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ କହିଛନ୍ ।

(ଭଏସ୍ ଓଭର୍- ଜିଲ୍ଲାପାଲ୍)

ଆଝିରର୍ ବୈଠକ୍‌ଥି ଜିଲ୍ଲାପାଲ୍‌ଙ୍କର୍ ସହେତେ ଆରକ୍ଷୀ ଅଧିକ୍ଷକ୍ ମୁକେଶ୍ ଭାମୁ ଆର୍ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ପୁରୀ ବିମାନ୍ ବନ୍ଦର୍ I&PR

ପୁରୀ ଠାନେ ଶ୍ରୀଜଗନ୍ନାଥ୍ ଅନ୍ତର୍ଜାତୀୟ ଗ୍ରୀନ୍‌ଫିଲ୍ଡ୍ ବିମାନ୍ ବନ୍ଦର୍ ୩ ଟା ଖେପେ ତିଆର୍ ହେବା । ସିପ- ସରୁବାଲି ଆର୍ ଷଣ୍ଢପୁର୍ ରାଜସ୍ୱ ମୌଜା ନ ସର୍‌କାର୍‌ଙ୍କର୍ ତର୍‌ଫୁ ଚିହ୍ନଟ୍ ହେଇଥିବା ୧ ହଜାର୍ ଶହେ ୬୪ ଏକଡ଼୍ ଜମିଥି ବିମାନ୍ ବନ୍ଦର୍ ତିଆର୍ କରାଯିବା । ସର୍‌କାର୍ ବିମାନ୍ ବନ୍ଦର୍ ତିଆର୍ କର୍‌ବାର୍ ଲାଗି ୫ ହଜାର୍ ୬ ଶହ ୩୧ କୋଟି ଟଙ୍କା ଖର୍ଚ୍ଚା କର୍‌ବେ । ସର୍‌କାରୀ ସୂଚ୍‌ନା ଅନ୍‌ସାରେ ଇ ବିମାନ୍ ବନ୍ଦର୍‌ନୁ ବଛର୍‌କ ପାଖାପାଖି ୪୬ ଲାଖ୍ ଯାତ୍ରୀ ବିମାନ୍ ଯାତ୍ରା ସୁବିଧା ପାଇପାର୍‌ବେ ।

ପୁରୀ ବିମାନ୍ ବନ୍ଦର୍ ତିଆର୍ ହେଲେ ରାଏଜେ ଆଂଚଲିକ୍ ଯୋଗାଯୋଗ ବଢ଼୍‌ବାର୍ ସହେତେ ରାଜ୍ୟର୍ ଆର୍ଥିକ୍ ଅଭିବୃଦ୍ଧିକେ ନୂଆଁ ଗତି ମିଲ୍‌ବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ପବିତ୍ର ପୁରୀ ସହର୍‌କେ ତୀର୍ଥଯାତ୍ରୀ ଆଉ ପର୍ଯ୍ୟଟକମାନ୍‌କର୍ ଲାଗି ଯାତ୍ରା ସହଜ୍ ହେଇପାର୍‌ବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ପୁରୀ ବିମାନ୍ ବନ୍ଦର୍ ତିଆର୍ ଲାଗି ଅନୁମୋଦନ୍ ଦେଇଥିବାର୍‌ନୁ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଉ କେନ୍ଦ୍ର ବେସାମରିକ ବିମାନ୍ ଚଲାଚଲ୍ ମନ୍ତ୍ରୀ

ରାମ୍‌ମୋହନ୍ ନାଇଡୁ କିଞ୍ଜାରାପୁଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କୃତଜ୍ଞତା ଜନେଇଛନ୍ ।

ପୁରୀ- ଏନ୍‌ଏସ୍‌ଏ ଟିମ୍        ପୁରୀ ସମ୍ବାଦଦାତା

ଜାତୀୟ ସୁରକ୍ଷା ଏଜେନ୍ସି- ଏନ୍.ଏସ୍.ଏ. ର ଗୁଟେ ଦଲ୍ ଆଏଜ୍ ପୁରୀକେ ଆସିକରି ଶ୍ରୀମନ୍ଦିର୍ ସୁରକ୍ଷା ସ୍ଥିତି ସମୀକ୍ଷା କରିଛନ୍ । ଏନ୍.ଏସ୍.ଏ. ଟିମ୍ ଶ୍ରୀମନ୍ଦିର୍ ଭିତର୍ ଆର୍ ବାହାରେ ଟିକ୍‌ନିଖି ଯାଂଚ୍ କରିଛନ୍ । ଗଲାକାଏଲ୍ ଆର୍ ଆଏଜ୍ ଇ ଦଲ୍ ଥର୍ ଥର୍ କରି ଶ୍ରୀମନ୍ଦିର୍ ସୁରକ୍ଷା ପ୍ରଶାସକଙ୍କର୍ ସହେତେ ଆଲୋଚନା କରିଥିଲେ । ପେହେଲ୍‌ଗାଓଁ ଆତଙ୍କ୍‌ବାଦୀ ଆକ୍ରମଣ୍ ଘଟ୍‌ନା ଉତ୍‌ରୁ ପୁରୀଠାନେ ଭକ୍ତ ଆଉ ପର୍ଯ୍ୟଟକଙ୍କର୍ ସୁରକ୍ଷାକେ ନଜର୍‌ଥି ରଖିକରି ସୁରକ୍ଷା ବ୍ୟବସ୍ଥା ବଢ଼ାବାର୍ ସହେତେ ଏନ୍.ଏସ୍.ଏ. ଟିମ୍ ଯାଂଚ୍ କରୁଥିବା ଜନାପଡ଼ିଛେ । ଏନ୍.ଏସ୍.ଏ. ଟିମ୍‌ର ଯାଂଚ୍ ଗୁଟେ ସ୍ୱାଭାବିକ୍ ପ୍ରକ୍ରିୟା ଥିଲା ବଲି ପୁରୀ ଆରକ୍ଷୀ ଅଧିକ୍ଷକ୍ ବିନିତ୍ ଅଗ୍ରୱାଲ୍ କହିଛନ୍ ।

ମଦର୍ସ ଡେ ସେଲ୍‌ଫି କନ୍‌ଟେଷ୍ଟ        I&PR

ଆଏବା ୧୧ ତାରିଖ୍ ହେବାର୍‌କେ ଥିବା ବିଶ୍ୱ ମାତୃତ୍ୱ ଦିବସ୍ କାର୍ଯ୍ୟକ୍ରମ୍ ଲାଗି ମହିଳା ଆଉ ଶିଶୁ ବିକାଶ୍ ବିଭାଗ୍ ତର୍‌ଫୁ

ଆଏଜ୍ ମଦର୍ସ ଡେ ସେଲ୍‌ଫି କନ୍‌ଟେଷ୍ଟ ମୁଲ୍ ହେଇଛେ । ଉପମୁଖ୍ୟମନ୍ତ୍ରୀ ଆଉ ବିଭାଗ୍‌ର ମନ୍ତ୍ରୀ ପ୍ରଭାତୀ ପରିଡ଼ା କାର୍ଯ୍ୟକ୍ରମ୍‌ର ଶୁଭାରମ୍ଭ କରିଛନ୍ । ମା ମାନ୍‌କର୍ ସାଙ୍ଗେ ସେଲ୍‌ଫି ଉଠେଇକରି ମା'ମାନ୍‌କର୍ ଲାଗି ଦୁଇପଦ୍ ଲେଖିକରି ହେସ୍‌ଟେଗ୍ ମୋ ବୋଉ, ହେସ୍‌ଟେଗ୍ ଡବ୍ଲୁ.ସି.ଡି. ଓଡ଼ିଶା ଆର୍ ହେସ୍‌ଟେଗ୍ ମଦର୍ସ ଡେ ଥି ଟେଗ୍ କର୍‌ବାର୍ ଲାଗି ବିଭାଗ୍ ତର୍‌ଫୁ କୁହାଯାଇଛେ । ଆଏଜ୍‌ଠାନୁ ଆଏବା ୧୦ ତାରିଖ୍‌ତକ୍ ଇ ପ୍ରତିଯୋଗିତା ଚାଲ୍‌ବା । ୧୧ ତାରିଖ୍ ଦିନ ବିଜେତାମାନ୍‌କର୍ ନାଁ ଘୋଷ୍‌ନା କରାଯିବା ।

ଡାକ୍ତର୍‌ଖାନା ଅଗ୍ନିନିରାପତା ବ୍ୟବସ୍ଥା I&PR

ସର୍‌କାରୀ ଡାକ୍ତର୍‌ଖାନାମାନ୍‌କର୍ ଅଗ୍ନି ନିରାପତା ବ୍ୟବସ୍ଥା ବର୍‌କସ୍ କର୍‌ବାର୍ ଲାଗି ଆଏଜ୍ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବିଭାଗ୍ କମିଶନର୍ ଆଉ ଶାସନ୍ ସଚିବ ଅଶ୍ୱତୀ ଏସ୍.ଙ୍କର୍ ଅଧ୍ୟକ୍ଷତାଥି ଲୋକ୍‌ସେବା ଭବନ୍ ସଭାଗୃହ ନ ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଶ୍ରୀମତୀ ଅଶ୍ୱତୀ ଡାକ୍ତର୍‌ଖାନାମାନ୍‌କର୍ ଥିତି ସମୀକ୍ଷା କରିକରି ଠିକ୍ ସମିଆ ଭିତ୍‌ରେ ଅଗ୍ନି ନିରାପତା ବ୍ୟବସ୍ଥା ସୁନିଶ୍ଚିତ୍ କର୍‌ବାର୍ ଲାଗି ସବୁ ଜିଲ୍ଲା ମୁଖ୍ୟ ଚିକିତ୍ସାଅଧିକାରୀ ଆଉ ମେଡ଼ିକାଲ୍ କଲେଜ୍ ଅଧିକ୍ଷକ୍‌ମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ଖାସ୍ କରି ହସ୍ପିଟାଲ୍ ମାନ୍‌କେ ଥିବା ଅସ୍ତ୍ରୋପଚାର୍ କକ୍ଷ, ଆଇ.ସି.ୟୁ., ଏସ୍.ଏନ୍.ସି.ୟୁ., ସିଟି

ସ୍କାନ୍, ଏମ୍.ଆର୍.ଆଇ. ଯନ୍ତ୍ରପାତି ଜାଗା ନ ଅଗ୍ନିନିରାପତା ବ୍ୟବସ୍ଥାକେ ଅଏତ୍କା ଧ୍ୟାନ୍ ଦେବାର୍କେ ଶାସନ୍ ସଚିବ ନିର୍ଦ୍ଦେଶ୍ ଦେଇଛନ୍ ।

ସ୍ୱରାଷ୍ଟ୍ରମନ୍ତ୍ରୀ -ସମ୍ବଲପୁର ସମ୍ବଲପୁର ସମ୍ବାଦଦାତା

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଆଏବା ୧୦ ତାରିଖ୍ ଶନିବାର୍ ଦିନ ସମ୍ବଲ୍ପୁର୍ ଗସ୍ତଥି ଆସୁଛନ୍ । ଶ୍ରୀ ଶାହାଙ୍କର୍ ଗସ୍ତ କାର୍ଯ୍ୟକ୍ରମ୍ର ସୂଚ୍ନା ଅନ୍ସାରେ ପହେଲା ମା ସମଲେଇଙ୍କର୍ ଦର୍ଶନ୍ ଉତ୍ରୁ ଅଇଁଠାପାଲି ପିଏଚ୍ଡି ପଡ଼ିଆଠାନେ ଗୁଟେ ସାଧାରଣ୍ସଭାଥି ଯୋଗ୍ ଦେବେ । ସେହିଦିନ ଉପର୍ବେଲା ସ୍ୱରାଷ୍ଟ୍ରମନ୍ତ୍ରୀ ବୁର୍ଲା ବୀର ସୁରେନ୍ଦ୍ର ସାଏ ମେଡ଼ିକାଲ୍ କଲେଜ୍ ସୁପର୍ସ୍ପେଶାଲିଟି ହସ୍ପିଟାଲ୍ର ଉଦ୍ଘାଟନ୍ କର୍ବେ ।

ଦିଘା ଜଗନ୍ନାଥ୍ ମନ୍ଦିର ଆର୍ଏନ୍ୟୁ ସମ୍ବଲପୁର/ହି.ସ.

ଦିଘା ଜଗନ୍ନାଥ୍ ମନ୍ଦିର୍ ଘଟ୍ନାକେ ନେଇକରି ଉତରାଖଣ୍ଡ ଜ୍ୟୋତିର୍ମଠ ଶଙ୍କରାଚାର୍ଯ୍ୟ ଅଭିମୁକ୍ତେଶ୍ୱରାନନ୍ଦ ସରସ୍ୱତୀ କହିଛନ୍, ପ୍ରଭୁ ଶ୍ରୀ ଜଗନ୍ନାଥଙ୍କର୍ ଖାଲି ଗୁଟେ ଧାମ୍ ରହିଛେ, ଯେନ୍ଟାକି ପୁରୀ ନ ଅଛେ । ଦିଘା ଜଗନ୍ନାଥ୍ ମନ୍ଦିର୍ ଲାଗି ଧାମ ଶବ୍ଦ ବେଭାର୍ କର୍ବାର୍ଟା ଉଚିତ୍

ନୁହେଁସେ ବଲି ଶଙ୍କରାଚାର୍ଯ୍ୟ କହିଛନ୍ । ଇ ବାବ୍‌ଦେ ନାଁକରା ବାଲୁକା ଶିଳ୍ପୀ ସୁଦର୍ଶନ୍ ପଟ୍ଟନାୟକ୍ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଚିଠି ଲେଖିକରି ଘଟ୍‌ନାଥି ଉଚିତ୍ ପଦକ୍ଷେପ୍ ନେବାର୍‌କେ ଅନୁରୋଧ୍ କରିଛନ୍ ।

ଗୋପାଲନ୍ ଯୋଜ୍‌ନା I&PR

ମୁଖ୍ୟମନ୍ତ୍ରୀ କାମ୍‌ଧେନୁ ଯୋଜ୍‌ନା ଅନ୍ତର୍ଗତ ଗୋପାଲନ୍ ଯୋଜ୍‌ନାକେ ରାଏଜେ ଆରମ୍ଭ୍‌ନୁ ବନେ ସଫଲତା ମିଲିଛେ । ଗଲା ୩ ମାସ୍ ଭିତ୍‌ରେ ଯୋଜ୍‌ନାଥି ହଜାରେନୁ ଅଏତ୍‌କା ଜହ ଗୁରସ୍ ଦେଉଥିବା ଗାଇଙ୍କୁ ଗୋପାଲନ୍ ଯୋଜ୍‌ନାଥି ସାମିଲ୍ କରାଯାଇଛେ । ଯୋଜ୍‌ନା ଲାଗି ଗୋପାଲକ୍ ମାନ୍‌କର୍ ଜୀବନ୍ ଜୀବିକା ସୁରକ୍ଷିତ୍ ହେଇପାରିଛେ ବଲି ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ବିଶ୍ୱ ଆଜ୍‌ମା ଦିବସ ଆର୍‌ଏନ୍‌ୟୁ / ସମ୍ବଲପୁର

ଶ୍ୱାସରୋଗକେ ନେଇକରି ଲୁକ୍‌କୁ ସଚେତନ୍ କର୍‌ବାର୍ ଲକ୍ଷ୍ୟଥି ଆଏଜ୍ ବିଶ୍ୱ ଆଜ୍‌ମା ଦିବସ୍ ପାଲନ୍ କରାଯାଉଛେ । ଇ ବଛ୍‌ରର ବାର୍ତା ରହିଛେ 'ସମ୍‌କର୍ ଲାଗି ଶ୍ୱାସ ଉପଚାର୍ ଉପଲବ୍ଧ କର୍‌ବାର୍' । ଇ ରୋଗ୍‌ନୁ ଭଲ୍ ହେବାର୍ ଲାଗି

ଡାକ୍ତରଙ୍କର୍ ପରାମର୍ଶ ନେବାର୍ ଜରୁରୀ ଆଏ । ଆଜ୍‌ମା ଦିବସ୍ ଅବ୍‌ସରେ ଆଏଜ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ସଚେତନତା କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଇଛେ ।

ଯୁଗ୍ମ ନିର୍ଦ୍ଦେଶକ୍ ପରିଦର୍ଶନ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଦାୟିତ୍ୱଥି ଥିବା ନୋଡ଼ାଲ୍ ଅଧିକାରୀ ଆଉ ଓଡ଼ିଶା ଆଦର୍ଶ ବିଦ୍ୟାଳୟର୍ ଯୁଗ୍ମ ନିର୍ଦ୍ଦେଶକ୍ ମୌସୁମୀ ସାହୁ ଜିଲ୍ଲା ନ ଚାଲିଥିବା ଡ୍ରପ୍ ଆଉଟ୍ ସର୍ବେକ୍ଷଣ୍‌ର ତଦାରଖ୍ କରିଛନ୍ । ବୌଦ୍ଧ ସହରର୍ ମର୍ଜାକୁଦ, ନୂଆସାହି ଆଉ ସହର୍ ପାଖର୍ ପଲାସ ଗାଁକେ ଯାଇକରି ଶିକ୍ଷକ୍, ଶିକ୍ଷୟିତ୍ରୀମାନ୍‌କର୍ ଦ୍ୱାରା ଚାଲିଥିବା ଡ୍ରପ୍‌ଆଉଟ୍ ସର୍ଭେର୍ ସିଧାସଲଖ୍ ତଦାରଖ୍ କରିଛନ୍ । ଇ ଅବ୍‌ସରେ ଜିଲ୍ଲା ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ୍ ଆର୍ ଅଧିକାରୀମାନେ ସାମିଲ୍ ଥିଲେ ।

ରେଲ୍ କର୍ମଚାରୀ ପୁରସ୍କୃତ ସମ୍ବଲପୁର ସମ୍ବାଦଦାତା

ସୁରକ୍ଷିତ୍ ଟ୍ରେନ୍ ଚଲାଚଲ୍ ଲାଗି କର୍ତବ୍ୟନିଷ୍ଠା ଆଉ ନିରାପତା ନିୟମ୍ ଉପ୍‌ରେ ଭଲ୍ କାମ୍ କରିଥିବାର୍‌ନୁ ରେଲ୍‌ବାଇର୍ ୨ ଝନ୍ ସଜାଗ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଛେ । ସମ୍ବଲ୍‌ପୁର୍ ରେଲ୍ ମଣ୍ଡଲ୍ ପ୍ରବନ୍ଧକ୍ ସୁବାସ ଚନ୍ଦ୍ର ଚୌଧୁରୀ

-ସମ୍ବଲ୍‌ପୁର୍ ସିଟି ସିନିୟର୍ ଗୁଡ଼୍‌ସ ଟ୍ରେନ୍ ମେନେଜର୍ ଦୀନେଶ୍ କୁମାର୍ ଆର୍ କେସିଙ୍ଗାର ଗେଟ୍‌କିପର୍ ଏସ୍. କିଷାନ୍‌ଙ୍କୁ ପ୍ରମାଣ୍‌ପତ୍ର ଆଉ ନଗଦ୍ ଟଙ୍କା ଦେଇକରି ସମ୍ମାନିତ୍ କରିଛନ୍ ।

ମେଟ୍ରିକ୍ ପରୀକ୍ଷା ଛାତ୍ରୀ- ସମ୍ବର୍ଦ୍ଧିତ ନୂଆପଡ଼ା ସମ୍ବାଦଦାତା

ଇ ବଛର୍ ମେଟ୍ରିକ୍ ପରୀକ୍ଷାଥି ଏ ଗ୍ରେଡ୍ ପାଇଥିବା ନୂଆପଡ଼ା ଜିଲ୍ଲାର୍ ୨ ଝନ୍ ଛାତ୍ରୀଙ୍କୁ ପ୍ରଶାସନ୍ ତର୍‌ଫୁ ଆଏଜ୍ ସମ୍ବର୍ଦ୍ଧିତ୍ କରାଯାଇଛେ । ସହରର୍ ଜିଲ୍ଲା ଶିକ୍ଷା ଆଉ ପ୍ରଶିକ୍ଷଣ୍ ପ୍ରତିଷ୍ଠାନ୍‌ନୁ ହେଇଥିବା ସମ୍ବର୍ଦ୍ଧନା ସମାରୋହଥି ଜିଲ୍ଲାପାଲ୍, ଜିଲ୍ଲା ଶିକ୍ଷାଧିକାରୀଙ୍କର୍ ସହେତେ ଅଧିକାରୀମାନେ ଯୋଗ୍ ଦେଇକରି ଛାତ୍ରଛାତ୍ରୀମାନ୍‌କୁ ସମ୍ବର୍ଦ୍ଧନା ଦେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭାରତୀୟ ପାଣିପାଗ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ହେଇକରି ଆଣ୍ଡାମାନ୍ ସାଗର୍‌କେ ପୁହୁଁଚିଛେ । ଆଏବା ହପ୍ତା ଭିତ୍‌ରେ ମୌସୁମୀ ବାୟୁ ଦକ୍ଷିଣ ଆଣ୍ଡାମାନ୍ ସାଗର, ଦକ୍ଷିଣ ପୂର୍ବ ବଙ୍ଗୋପ୍‌ସାଗର୍ ଆଉ ନିକୋବର୍ ଦ୍ୱୀପପୁଞ୍ଜର୍ କିଛି ଇଲାକାକେ ପୁହୁଁଚିପାରେ ।

ସେଆଡ଼େ ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ କେତେଟା ଜାଗା ନ ଘଡ଼୍‌ଘଡ଼ି ସହେତେ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ । ଇ ସମିଆଥି କଲାହାଣ୍ଡି, ନୂଆପଡ଼ା, ସୁନ୍ଦର୍‌ଗଡ଼୍ ସହେତେ ୨୦ ଟା ଜିଲ୍ଲା ନ ଘଡ଼୍‌ଘଡ଼ି ସାଙ୍ଗେ ଜବର୍ ଧୁକାଗର୍ଡ଼ି ହେଇପାରେ । ଆଏବା ୨ ଦିନ୍‌ତକ୍ ପାଗ୍ ଏନ୍ତା ରହେବା ବଲି  ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।